## ଆଜି କ'ଣ କେଉଁଠି

ଫୁଲବାଣୀ

- ଜିଲାସ୍ତରୀୟ ପୋଷଣ କାର୍ଯ୍ୟକ୍ରମ, ଜିଲା ପରିଷଦ ସମିଳନୀ କକ୍ଷ। ସମୟ: ସକାଳ ୯ ଟା।

## ସଂକ୍ଷେପରେ

### ପ୍ରାଣୀ ଚିକିତ୍ସାଳୟକୁ ଆଧୁନିକୀକରଣ କରାଯିବ

#### ବ୍ରହ୍ମପୁର ବିଧାୟକଙ୍କୁ ଉତ୍ତର ଦେଲେ ମନ୍ତ୍ରୀ

**ବ୍ରହ୍ମପୁର ଅଫିସ,୩୦।୩:** ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ(ଭେଟେରିନାରୀ ହସ୍ପିଟାଲ)କୁ ରେଫରାଲ ଚିକିତ୍ସାଳୟରେ ପରିଣତ କରାଯିବାକୁ ସରକାରଙ୍କ ଯୋଜନା ରହିଛି। କେବଳ ସେତିକି ନୁହେଁ ସେଠାରେ ଖାଲି ପଡ଼ିଥିବା ଚିକିତ୍ସକ ଓ ଅନ୍ୟ କର୍ମଚାରୀ ପଦ ପୂରଣ କରାଯିବା ଏବଂ ଦୁଇ ବିଶେଷଜ୍ଞ ନିଯୁକ୍ତି ଲାଗି ପଦକ୍ଷେପ ନିଆଯାଇଛି। ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ଓଡ଼ିଶା ଲୋକ ସେବା ଆୟୋଗ ପକ୍ଷରୁ ଚୟନ ପ୍ରକ୍ରିୟା ଚାଲିଛି। ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ପ୍ରଶ୍ନ ଉତ୍ତରରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଏହି ଚିକିତ୍ସାଳୟର ଭିତ୍ତିଭୂମି ବିକାଶ ଏବଂ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରାଣୀ ରୋଗ ନିଦାନ ପାଇଁ ଆବଶ୍ୟକ ଚିକିତ୍ସକ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଣରେ ସରକାରୀ ବ୍ୟବସ୍ଥା କରାଯାଇଛି। ଫଳରେ ଉନ୍ନତମାନର ହସ୍ପିଟାଲ ହୋଇପାରିବାର ଦର୍ଶାଇଛନ୍ତି। ବିଲଡିଂ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ପଦ ପୂରଣ କରାଯିବାକୁ ମନ୍ତ୍ରୀ ସ୍ପଷ୍ଟ କରିଥିବା ବିଧାୟକଙ୍କ କାର୍ଯ୍ୟାଳୟରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

### ସୁନା ଅଳଙ୍କାର ଚୋରି, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୩୦।୩:** ବ୍ରହ୍ମପୁର ଟାଉନ ଥାନା ବିଜିପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ସୁନା, ରୂପା ଅଳଙ୍କାର ଏବଂ କିଛି ଟଙ୍କା ଚୋରି ହୋଇଛି। ଗୃହକର୍ତ୍ତା ଏଲ. ଗୋପୀ ନାଗରାଜ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୧୩/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଥିବା କହିଛି। ବିଜିପୁର କେନାଲ ସାହିର ଏକ ଦୁଇ ମହଲା ଘରର ତଳ ମହଲାରେ ଏଲ୍ ଗୋପୀ ନାଗରାଜ ତାଙ୍କ ପରିବାରକୁ ନେଇ ତଳ ମହଲାରେ ଭଡ଼ାରେ ରହୁଛନ୍ତି। ସେ ଗତ ୨୫ ତାରିଖରେ ତଳ ମହଲାରୁ ସମସ୍ତ ଆସବାବପତ୍ର ଉପର ମହଲାକୁ ନେବା ପାଇଁ ଜଣେ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ଶ୍ରମିକ ଜଣଙ୍କ ଘରର ଆସବାବପତ୍ର ତଳ ମହଲାରୁ ଉପରକୁ ନେଉଥିଲେ। ହେଲେ ସେ ଅଧାରୁ କାମ ଛାଡି କେଉଁଆଡେ ଚାଲି ଯାଇଥିଲେ। ଉକ୍ତ ଶ୍ରମିକ ଜଣଙ୍କ ବହୁ ସମୟ ଧରି ଫେରିନଥିଲେ। ପରେ ଗୃହକର୍ତ୍ତାଙ୍କ ସନ୍ଦେହ ହୋଇଥିଲା। ସେ ତଳ ମହଲାରେ ରହିଯାଇଥିବା ଆଲମୀରା ଦେଖିବା ବେଳେ ତାହା ଖୋଲା ଥିଲା। ସେଥିରେ ଥିବା ଗୋଟିଏ ସୁନା ମୁଦି, ଗୋଟିଏ ରୂପା ମୁଦି, ଗୋଟିଏ ହାର ସହ କିଛି ଟଙ୍କା ଗାୟବ ହୋଇଯାଇଥିଲା। ସମ୍ପୃକ୍ତ ଶ୍ରମିକ ଜଣଙ୍କ ଉକ୍ତ ସୁନା ଅଳଙ୍କାର ଚୋରି କରିଥିବା ସନ୍ଦେହ କରୁଛନ୍ତି ବୋଲି ସେ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

# ପରୀକ୍ଷା ସହ ହସ୍ପିଟାଲରେ ଶଯ୍ୟା ପ୍ରସ୍ତୁତ

## କୋଭିଡ୍ ସଂକ୍ରମଣ ନେଇ ଆଗୁଆ ସତର୍କତା

**ବ୍ରହ୍ମପୁର ଅଫିସ,୩୦।୩**

କୋଭିଡ୍ ସଂକ୍ରମଣ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ସତର୍କ ରହିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ବ୍ରହ୍ମପୁର ବଡ ମେଡିକାଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଜିଲା ହସ୍ପିଟାଲ ଓ କମ୍ୟୁନିଟି ହେଲଥ ସେଣ୍ଟରରେ (ଫିଭର କ୍ଲିନିକ) ଓ ଭ୍ରାମ୍ୟମାଣ ଟେଷ୍ଟିଂ ବ୍ୟବସ୍ଥା କରିବାକୁ କୁହାଯାଇଛି। ଓଡ଼ିଶାରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ଅଙ୍କରେ ପହଞ୍ଚି ସାରିଛି। କୋଭିଡ୍ ପରିଚାଳନା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ କେତେ ପ୍ରସ୍ତୁତ ରହିଛି ତାହା ଜାଣିବା ପାଇଁ ଏପ୍ରିଲ ୧୦ ଓ ୧୧ରେ ମକ୍ଡ୍ରିଲ କରାଯିବାକୁ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଏନେଇ ଗଞ୍ଜାମ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟାଧିକାରୀ ଡା.ଉମାଶଙ୍କର ମିଶ୍ର କହିଛନ୍ତି, ଜିଲାରେ କୋଭିଡ୍ ସଂକ୍ରମଣର ମୁକାବିଲା ଓ ପୂର୍ବ ପ୍ରସ୍ତୁତି ନେଇ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ଏଥିସହ ହସ୍ପିଟାଲଗୁଡ଼ିକରେ ସ୍ୱତନ୍ତ୍ର ଶଯ୍ୟା ଓ ଅକ୍ସିଜେନ (ଅମ୍ଳଜାନ) ପ୍ରସ୍ତୁତ ରଖାଯାଇଛି। ଜିଲାର ସମସ୍ତ ୨୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୨୨ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୪ ଉପଖଣ୍ଡସ୍ତରୀୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ସତର୍କ ସୂଚନା ଦିଆଯାଇଛି। ଜିଲାରେ କୋଭିଡ୍ ମୁକାବିଲା ପାଇଁ ଆବଶ୍ୟକଠାରୁ ଅଧିକ ଔଷଧ, ପରୀକ୍ଷା କିଟ୍, ଶଯ୍ୟା, ଆଇସିୟୁ, ମେଡିକାଲ ଯନ୍ତ୍ରପାତି ଓ ଭିତ୍ତିଭୂମି ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଛନ୍ତି। ଜିଲାରେ ପ୍ରତିଦିନ ୧୦୦ରୁ ଊର୍ଦ୍ଧ୍ୱ ଲକ୍ଷଣ ଥିବା ରୋଗୀଙ୍କ କୋଭିଡ୍ ପରୀକ୍ଷା କରାଯାଉଥିବା ସେ ସୂଚନା ଦେଇଛନ୍ତି। ସେହିପରି ଦକ୍ଷିଣ ଓଡ଼ିଶାର ଉତ୍ତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲାଇଫ ଲାଇନ୍ କୁହାଯାଉଥିବା ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୋଭିଡ୍ ମୁକାବିଲା ପାଇଁ ଆଗୁଆ ରଣନୀତି ପ୍ରସ୍ତୁତ କରାଯାଇଛି। ଏମ୍‌କେସିଜି ମେଡିକାଲରେ ଉତ୍ସର୍ଗୀକୃତ କୋଭିଡ୍ ହସ୍ପିଟାଲ(ଡିସିଏଚ) -୧ ରହିଛି। ଏଥିପାଇଁ ଡା. ନୀହାର ରଞ୍ଜନ ସାହୁ ସେଠାରେ ନିୟୋଜିତ ରହିଛନ୍ତି ବୋଲି ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଉକ୍ତ ଡିସିଏଚରେ ୨୦ଟି ଶଯ୍ୟା ପ୍ରସ୍ତୁତ ରହିଛି। ସେହିପରି ୫ଟି ଆଇସିୟୁ ମଧ୍ୟ ସେଠାରେ ରହିଛି। ଏଠାରେ ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ରହିଛି। ସେହିପରି ୧୦୦୦ରୁ ଊର୍ଦ୍ଧ୍ୱ ବଡ଼ ଅକ୍ସିଜେନ ସିଲିଣ୍ଡର ଓ ୭୫୦ ଛୋଟ ଅକ୍ସିଜେନ ସିଲିଣ୍ଡର, ଔଷଧ ଓ ପରୀକ୍ଷା କିଟ୍ ମଧ୍ୟ ରହିଛି। ପ୍ରତିଦିନ ଏମ୍‌କେସିଜି ମେଡିକାଲରେ ପ୍ରାୟ ୩୦୦ ଜଣ ଲକ୍ଷଣ ଥିବା ରୋଗୀଙ୍କ କୋଭିଡ ପରୀକ୍ଷା କରାଯାଉଥିବା ନେଇ ଅଧୀକ୍ଷକ ଡା.ମିଶ୍ର ସୂଚନା ଦେଇଛନ୍ତି।

# ବେତନରେ ତାରତମ୍ୟ ନେଇ ଅମଲାଙ୍କ ଅସନ୍ତୋଷ




ଆଲୋଚନାଚକ୍ରରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ ।

## ମିଳିତ ଅମଲା ମଞ୍ଚର ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୩୦।୩**

ଗଞ୍ଜାମ ଜିଲା ଅମଲା ସଂଘ, ଓଡିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ସବରେଜିଷ୍ଟ୍ରର ଅମଲା ସଂଘକୁ ନେଇ ଏକ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆଲୋଚନା ଚକ୍ର ଗୁରୁବାର ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଳିତ ମଞ୍ଚ ଅଧ୍ୟକ୍ଷ ଉଦୟ ଦାସ ଅଧ୍ୟକ୍ଷତା କରିଥିଲେ। ମଞ୍ଚ ସଭାପତି କିରଣ କୁମାର ପାଢ଼ୀ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ପର୍ଶୁରାମ ପାତ୍ର, ଓଡ଼ିଶା ଅମଲା ସଂଘ ଜିଲା ଶାଖା ସଭାପତି ପି.ରଜନୀକାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ଜିଲାସ୍ତରୀୟ ଅମଲାଙ୍କ ଦରମାରେ ଥିବା ତାରତମ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥିସହ ବେତନ ହାର ୪୨୦୦ ଗ୍ରେଡ୍ ପେ ପାଇଁ ମଞ୍ଚ ଦାବି କରିଛି। ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହୋଇଥିଲେ ମଧ୍ୟ ବେତନ ହାର ୧୦ମ ପାସ୍ ହାରରେ ପ୍ରଦାନ କରାଯାଉଥିବା ନେଇ ସଂଘ ଅସନ୍ତୋଷ ପ୍ରକାଶ କରିଛି । ଏଥିସହ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଏବଂ କମ୍ପ୍ୟୁଟର ଥାଇ ମଧ୍ୟ ରାଜ୍ୟ ସରକାର ଅମଲାଙ୍କ ଦାବିକୁ କର୍ଣ୍ଣପାତ କରୁ ନ ଥିବା ସଂଘ ଅଭିଯୋଗ କରିଛି। ଏଣୁ ଆଗାମୀ ଦିନରେ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସଂଘ ଚେତାବନୀ ଦେଇଛି । ଅନ୍ୟମାନଙ୍କ ମଧ୍ୟରେ ସୁଦାମ କୁମାର ପାଣିଗ୍ରାହୀ, ଉପଦେଷ୍ଟା ଦିଲେଶ୍ୱର ରେଡ୍ଡୀ, ଅଜିତ କୁମାର ସାବତ, ରବି ପ୍ରସାଦ ପାତ୍ର ଓ ନିଲେଶ କୁମାର ନାହାକଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଗାନ୍ଧୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ସ୍କାଉଡ୍ ଓ ଗାଇଡ୍ କ୍ୟାମ୍ପ

**ବ୍ରହ୍ମପୁର ଅଫିସ,୩୦।୩**

ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ସହଭାଗୀତାରେ ୩ଦିନ ବ୍ୟାପୀ ୨୮ତମ ଗଞ୍ଜାମ ଜିଲା ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପ ଅନନ୍ୟା ଭାବନ୍ଧ ସ୍ଥିତ ଗାନ୍ଧୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ଓ ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂ କ୍ୟାମ୍ପସରେ ଉଦ୍‌ଘାଟିତ ହୋଇଯାଇଛି। ଗୋଳାବନ୍ଧ ସ୍ଥିତ ଆର୍ମି ଏଡି କଲେଜର ଏଆରଓ ନିର୍ଦ୍ଦେଶକ କର୍ଣ୍ଣେଲ ଆନନ୍ଦ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ୟାମ୍ପରେ ଜିଲାର ୨୨ ବ୍ଲକର ୪୯ ହାଇସ୍କୁଲର ସ୍କାଉଟ ଓ ଗାଇଡ୍ ୟୁନିଟରୁ ଯୋଗ ଦେଇଥିବା ୪୪୪ କ୍ୟାଡେଟ ଏବଂ ୨୧୨ ସ୍କାଉଟ ଏବଂ ଗାଇଡ୍ ଶିକ୍ଷକଙ୍କୁ ଶୃଙ୍ଖଳା ସହିତ ଶିକ୍ଷାଲାଭ କରି ଦେଶର ସାମାଜିକ ସୁରକ୍ଷା, ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପୂର୍ବକ ଉତ୍ତମ ନାଗରିକ ଏବଂ ଭାରତୀୟ ସେନା ବାହିନୀରେ ଯୋଗ ଦେବା ପାଇଁ ପ୍ରେରଣା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଇଂ. ସମରେନ୍ଦ୍ର ଚୌଧୁରୀଙ୍କ ସମେତ ପ୍ରଫେସର ଡ. ତାରିଣୀ ଚରଣ ତ୍ରିପାଠୀ ଓ ଅଧ୍ୟାପିକା ଅଧ୍ୟାପିକା ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ କୁସୁମ



@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଇଟିଆଇର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ବୁଲି ଦେଖିଲେ ଅଭିଭାବକ

**ବ୍ରହ୍ମପୁର ଅଫିସ,୩୦।୩**

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଆଇଟିଆଇ ପରିସର ବୁଲି ଦେଖିଥିଲେ। ଅଭିଭାବକମାନେ ଶିକ୍ଷାନୁଷ୍ଠାନରେ ଥିବା ଦକ୍ଷତା ଭିତ୍ତିକ କାର୍ଯ୍ୟକୁ ନେଇ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହ ସେମାନେ ଶିକ୍ଷାନୁଷ୍ଠାନର ହଷ୍ଟେଲ ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନଷ୍ଟରୁ ଶ୍ରେଷ୍ଠ ଭଳି ବିଭିନ୍ନ ଦକ୍ଷତା କାର୍ଯ୍ୟ ଓ ପଢ଼ା ଶୈଳୀ ଓ କ୍ୟାମ୍ପସ ଚୟନ ସମ୍ପର୍କରେ କହିଥିଲେ। ଆଇଟିଆଇରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ମଧ୍ୟ ଶିକ୍ଷାନୁଷ୍ଠାନର ପାଠ ପଢ଼ା ସମ୍ବନ୍ଧରେ ଉପସ୍ଥିତ ଅଭିଭାବକଙ୍କୁ ସୂଚନା ଦେଇଥିଲେ।

# ଶିଶୁ ସାହିତ୍ୟ ପତ୍ରିକା ସୁନା ଅଜା ଲୋକାର୍ପିତ



ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପିତ।

## ଶିଶୁ ସାହିତ୍ୟ ବିକାଶ ପରିଷଦର ସ୍ୱନକ୍ଷତ୍ର ଉତ୍ସବ

**ବ୍ରହ୍ମପୁର ଅଫିସ,୩୦।୩**

ଶିଶୁଙ୍କ ବୌଦ୍ଧିକ ବିକାଶରେ ପାଠ୍ୟ ପୁସ୍ତକର ଆବଶ୍ୟକତା ଯେତିକି ରହିଛି, ତାଠାରୁ ଅଧିକ ଆବଶ୍ୟକତା ଶିଶୁ ସାହିତ୍ୟର ରହିଛି। ଶିଶୁ ସାହିତ୍ୟ ରଚନାକୁ ସମୃଦ୍ଧ କରିବାକୁ ହେବ ବୋଲି ଶିଶୁ ସାହିତ୍ୟ ବିକାଶ ପରିଷଦ ପକ୍ଷରୁ ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷରେ ଗୁରୁବାର ଊନବିଂଶତମ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ପ୍ରଫେସର ତଥା ସାହିତ୍ୟ ଏକାଡେମୀ ଗଞ୍ଜାମ ଜିଲା ସଦସ୍ୟ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଉତ୍ତରା ରାମ ନାରାୟଣ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ସାହିତ୍ୟିକ ଡ. ବନମାଳି ପାଣିଗ୍ରାହୀ, ସମ୍ମାନିତ ଅତିଥି କୁକୁଡାଖଣ୍ଡି ତହସିଲଦାର କବୟିତ୍ରୀ କଲ୍ୟାଣୀ ସଂଘମିତ୍ରା, ସମ୍ମାନିତ ବକ୍ତା ମହାମାୟୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ଓ ସମ୍ପାଦିକା ଡ. ଜୟନ୍ତୀ ରାଣୀ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟ ପତ୍ରିକା ମୁଖ ପତ୍ର ସୁନା ଅଜା ଓ ଶିଶୁ ଲେଖିକା ଟିନା ରଥଙ୍କ ଇଂଲିଶ ଶିଶୁ ଲେଖା ସଂକଳନ ଦି ରିବର୍ଣ୍ଣ ଡଲ ଲୋକାର୍ପଣ ହୋଇଥିଲା। ଏଥିସହ ଶିଶୁ ସାହିତ୍ୟିକ ଡ. ବିଜୟ କୁମାର ମହାରଣାଙ୍କୁ ଡ. ରବି ନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ କବିତା ପାଠୋତ୍ସବରେ ଉପଦେଷ୍ଟା ବିଶିଷ୍ଟ ସାହିତ୍ୟିକ ଡା. ସରୋଜ କାନ୍ତ ରଥ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କବି ଡ. ଭରତ ପଣ୍ଡା, ଡ. ହରି କୃଷ୍ଣ ନାୟକ, ଡ. କୁଳମଣି ଓଝାଙ୍କ ସମେତ ଅନ୍ୟ କବିମାନେ ଉପସ୍ଥିତ ରହି କବିତା ପାଠ କରିଥିଲେ।

## ବାରହା ଆକ୍ରମଣରେ ମହିଳା ଗୁରୁତର

**ଫୁଲବାଣୀ ଅଫିସ, ୩୦।୩**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳରେ ଗୁରୁବାର ଜଣେ ମହିଳା ବାରହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମହିଳା ଜଣକ ହେଲେ ଭୁଷୁଙ୍ଗି ଗ୍ରାମର ଯଶୋଦା ମଲ୍ଲିକ । ସୂଚନା ଅନୁସାରେ, ଯଶୋଦା ପୂର୍ବାହ୍ନରେ ମହୁଲ ଗୋଟାଉଥିଲେ । ଜଙ୍ଗଲରୁ ଏକ ବାରହା ଆସି ତାଙ୍କୁ ଆକ୍ରମଣ କରିଥିଲା । ପାଖରେ ଥିବା ଲୋକେ ହୋ ହାଲ୍ଲା କରିବାରୁ ବାରହା ପଳାଇ ଯାଇଥିଲା। ଲୋକେ ଯଶୋଦାଙ୍କୁ ଉଦ୍ଧାର କରି ବାଲନ୍ଦାପଡା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ମହାନଗରରେ ଶ୍ରୀରାମ ନବମୀ



ଷ୍ଟେଶନ ରୋଡ ସ୍ଥିତ ରାମ ମନ୍ଦିର।



ହିଲପାଟଣା ସ୍ଥିତ ରାମ ମନ୍ଦିର।

**ବ୍ରହ୍ମପୁର ଅଫିସ,୩୦।୩**

ବ୍ରହ୍ମପୁର ମହାନଗରରେ ଗୁରୁବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ସହରର ଷ୍ଟେଶନ ରୋଡ ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର, ହିଲପାଟଣା ସଂକଟମୋଚନ ମନ୍ଦିର, ନେହେରୁ ନଗର ହନୁମାନ ମନ୍ଦିର, ସାନ ବଜାର ହନୁମାନ ମନ୍ଦିର, ରାମଲିଙ୍ଗେଶ୍ୱର ପାର୍କ ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିରରେ ରହିଥିବା ରାମ ମନ୍ଦିରରେ ଭୋରୁ ପୂଜାର୍ଚ୍ଚନା ହୋଇଥିଲା। ମନ୍ଦିର ଗୁଡିକରେ ପ୍ରଭୁ ଶ୍ରୀରାମଙ୍କ ସ୍ନାନ, ମାର୍ଜଣା, ଧୂପ, ଆଳତୀ, ବିଭିନ୍ନ ଫଳ ପୂଜା ସାଙ୍ଗକୁ ସନ୍ଧ୍ୟା ସମୟରେ ସୁନ୍ଦରା କାଣ୍ଡ ପାଠ କରାଯାଇଥିଲା। ପୂର୍ବାହ୍ନରୁ ଅପରାହ୍ନ ଯାଏ ବହୁ ଶ୍ରଦ୍ଧାଳୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ନିମନ୍ତେ ଭିଡ ଜମିଥିଲା। ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା।

# ଇତିହାସ, ଓଡ଼ିଆ ବିଭାଗର ଆଲୋଚନାଚକ୍ର

## ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୩୦।୩**

ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଓ ଇତିହାସ ବିଭାଗ ପକ୍ଷରୁ ଗୁରୁବାର କିଶୋର ସାହିତ୍ୟ, ସଂସ୍କୃତି ଓ ଇତିହାସ ସମ୍ପର୍କିତ ଅନ୍ତର୍ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. କାହ୍ନୁଚରଣ ପାଢୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ଡ଼ ପ୍ରଦୀପ ଚନ୍ଦ୍ର ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଭଗବାନ ସାହୁ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ମଦନ ମୋହନ ସାହୁ ଯୋଗଦେଇଥିଲେ। ଏଥିରେ ମଧ୍ୟଯୁଗୀୟ ଇତିହାସଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ପରେ ଓଡ଼ିଆ ଭାଷା ନିମନ୍ତେ ଦକ୍ଷିଣ ଓଡ଼ିଶାର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା।



ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଏଥିରେ ତାରାତାରିଣୀ ସାହିତ୍ୟ ସଂସଦ ଓ ନଟବର ସିଂ ସାହିତ୍ୟ ସଂସଦ ସହଯୋଗ କରିଥିବା ବେଳେ ଚିତ୍ତରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲୋକନୃତ୍ୟ କୃଷ୍ଣଲୀଳାର କଳାକାର ଗୋପୀନାଥ ସ୍ୱାଇଁ ଓ ଶିକ୍ଷାବିତ୍ ନାଟ୍ୟକାର ମେଜର ରମାରମଣ ପାଢୀଙ୍କ ସମେତ ୧୪ଜଣ ସାହିତ୍ୟିକ ଓ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଲେଚାନା ଚକ୍ର ପରିଚାଳନାରେ ଅଧ୍ୟାପକ ଦେବାଶିଷ ମହାପାତ୍ର, ଅଧ୍ୟାପିକା ଡ଼ ନମିତା କୁମାରୀ ମହାପାତ୍ର, ନିବେଦିତା ପାଢୀ ସହଯୋଗ କରିଥିଲେ।

# ନିଷ୍ଟ ପକ୍ଷରୁ ୨ ଦିନିଆ ବୈଷୟିକ ଶିକ୍ଷା କର୍ମଶାଳା ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୩୦।୩**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ନିଷ୍ଟ (ନ୍ୟାସନାଲ ଇନିଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି) ପକ୍ଷରୁ ୨ ଦିନିଆ ବୈଷୟିକ ଶିକ୍ଷା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଡ. ସୁକାନ୍ତ କିଶୋର ମହାପାତ୍ର ଭିଡିଓ କନଫରେନ୍ସିଂରେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ଆଇଏସ୍‌ଟିଇ ଅଧ୍ୟକ୍ଷ ଡ ପ୍ରଭାତ କୁମାର ପାଢୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

ଅନ୍ୟତମ ଅତିଥି ଅଧ୍ୟାପକ ମିଟୁ ବରାଳ, ଛାତ୍ର ସଂସଦ ସଭାପତି ସୟଦ ଇମ୍ରାନ, ସମ୍ପାଦକ ଶ୍ରୀତମ ଶ୍ରବଣ ରଥ ଓ କୋଷାଧ୍ୟକ୍ଷା କାଜଲ କୁମାରୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ବୈଷୟିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ଏନସିଏସ୍ କ୍ଲବ, ଇଏଚସି କ୍ଲବ, ଏଡି, ଇନୋଭା, ୟୁରେକା, ଏନଏସି, ଏନଏସ୍ଏସ, ଆରଇସି, ଏକ୍ସଏଲ, ମଲ୍ଟି ମିଡିଆ, ଡ୍ୟାନ୍ସ, କେଟ, ଗୁଗୁଲ, ଫୋଟ ଫ୍ଲେକ୍ସ, ମ୍ୟାନେଜମେଣ୍ଟ ପରି ବହୁ କ୍ଲବ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୧୪ ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଏମ୍ ସୁରେଶ, ଡ. ମାନବେନ୍ଦ୍ର ସାହୁ, ଡ. ବିଷ୍ଣୁକର ନାୟକ, ଡ. ଦୁର୍ଯ୍ୟୋଧନ ସାହୁ, ଡ. ପ୍ରୀତି ରଞ୍ଜନ ସାହୁ, ଡ. ସନ୍ଦୀପନ ମଲିକ, ଡ. ରତିକାନ୍ତ ନାୟକ, ଡ. ଅଶ୍ୱିନୀ କୁମାର ଖୁଣ୍ଟିଆ, ମିନାକ୍ଷୀ ଦାଶ, ଶିବାନୀ ଗୁରୁ ଓ ଆଫିନ ଅଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦାଦାବଟି ମାମଲାରେ ଜଣେ କୋର୍ଟ ଚାଲାଣ

ଗୋପାଳପୁର,୩୦।୩(ଡି.ଏନ.ଏ.)- ଦାଦା ବଟି ମାଗିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଜନୈକ ବ୍ୟକ୍ତିଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ମେଦିନୀପୁର ଗ୍ରାମର ଶଙ୍କର ପ୍ରଧାନ(୫୮) ବୋଲି ପୋଲିସ ସୂଚନା ଦେଇଛି। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ମେଦିନୀପୁର ଗ୍ରାମର ଶଙ୍କର ପ୍ରଧାନ, ଦୁର୍ଦ୍ଧାନ୍ତ ଅପରାଧୀ କୁନା ବେହେରା, ତାଙ୍କ ପତ୍ନୀ, ଶଳା ଓ ଅନ୍ୟମାନେ ମିଶି ଟାମଣା ଓ ଆଖାପାଖ ଅଞ୍ଚଳରେ ବିଲ୍ଡରସ, ବ୍ୟବସାୟୀ ଓ ମିଲରମାନଙ୍କୁ ମାସିକ ଦାଦାବଟି ମାଗୁଥିଲେ। ପାଲିସ ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଗୁରୁବାର ମେଦିନୀପୁର ଠାରେ ଚଢ଼ାଉକରି ଶଙ୍କରଙ୍କୁ କାବୁ କରିଥିଲେ। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରିଥିଲେ। ଏନେଇ ଥାନା କେସ ନମ୍ବର ୧୭୨/୨୩ ପ୍ରକାରେ ମାମଲା ରୁଜୁ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ମହନ୍ତ ସୂଚନା ଦେଇଛନ୍ତି।

### ପୁଇଁତୋଳାରେ ଶ୍ରୀରାମ ନବମୀ, ଦଣ୍ଡକାଳୀ ପୂଜା

ଗଞ୍ଜାମ,୩୦।୩(ଡି.ଏନ.ଏ.)-ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ଗୁରୁବାର ଶ୍ରୀରାମ ନବମୀ ପାଳିତ ହୋଇଛି। ଏହି ଅବସରରେ ହନୁମାନ ମନ୍ଦିରରେ ପ୍ରାତଃରୁ ସଂକୀର୍ତ୍ତନ ହୋଇଥିଲା। ଅନ୍ୟପଟେ ଦୁଇସାହିରେ ମା' ଦଣ୍ଡକାଳୀଙ୍କ ଧୂଳି ଦଣ୍ଡ ମଧ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ଆଳତି ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତ୍ରରେ ମା'ଙ୍କ ସମ୍ମୁଖରେ ଦଣ୍ଡ ବିଧାନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏଥିପାଇଁ ପୁଇଁତୋଳା ଗ୍ରାମ ଦିନ ତମାମ ଉତ୍ସବ ମୁଖର ହୋଇ ଉଠିଥିଲା।

### ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା

ଗୁଣପୁର,୩୦।୩(ଡି.ଏନ୍.ଏ)- ରାୟଗଡା ଜିଲା ଗୁଣପୁର ସହରରେ ଗୁରୁବାର ପ୍ରଶାସନ ପକ୍ଷରୁ ଓଡିଆ ଭାଷାରେ ଲେଖିବାକୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଓଡିଆ ଭାଷାର ପ୍ରଚାର,ପ୍ରସାର ସହ ସୁରକ୍ଷାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉପଜିଲାପାଳ ଲଳିତ କହଁର,ତହସିଲଦାର ଶରତ ଚନ୍ଦ୍ରନ ନାୟକ, ପୌର ପରିଷଦର ଉପାଧକ୍ଷ ଶିବ ଗୌଡ, ପୋଲିସ ଏସ୍ଆଇ ଅଶୋକ ପାଢ଼ୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ସହରର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସହରର ବିଭିନ୍ନ ଦୋକାନ ବଜାର ସହ ବିଭିନ୍ନ ଅନୁଷ୍ଠାନ ବୁଲି ଓଡିଆରେ ନାମ ଫଳକ ଲେଖିବା ପାଇଁ ସଚେତନ କରାଇଥିଲେ। ଯଦି ଓଡିଆରେ ନାମ ଫଳକ ନ ଲେଖନ୍ତି ତେବେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ଡାବୁଗାଁ, ୩୦।୩ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତ ଅଧୀନ ଉମୁରହାଣ୍ଡି ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଭଗବାନ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କୁ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ସହ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ ଦଣ୍ଡସେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଧିଷ୍ଠୀର ମାଝି, ଶିକ୍ଷକ ଶିବରାମ ବେହେରା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ତେନ୍ତୁଳିଖୁଣ୍ଟି,୩୦।୩(ଡି.ଏନ୍.ଏ.)ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ରମେଶ ଟାକ୍ରୀ, ସମ୍ମାନିତ ଅତିଥିଭାବେ ସିଆରସିସି ପ୍ରମୋଦା ସାମଲ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚପଳା ଦେଈ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପନ ନାୟକ ସଭାପତିତ୍ୱ କରିଥିଲେ।

# ଦଣ୍ଡଯାତ୍ରା ଆରମ୍ଭ, ଜମୁଛି ମୟୂର ପୁଚ୍ଛ ବେପାର

ବୁଗୁଡ଼ା,୩୦।୩(ଡି.ଏନ.ଏ.)


ଦୋକାନ ଆଗରେ ବିକ୍ରି ପାଇଁ ରଖାଯାଇଥିବା ମୟୂର ପୁଚ୍ଛ।

ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି। ମେରୁ ସଂକ୍ରାନ୍ତି ଯାଏ ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରା ପର୍ବ ଯୋଗୁ ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ଦେବଦେବ ମହାଦେବ ଓ ମା' ମହାମାୟୀ କାଳୀଙ୍କ ପୂଜାର୍ଚ୍ଚନା ଲାଗି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହେଉଛି। ଚାରିଆଡ଼େ ଦେଖିବାକୁ ମିଳୁଛି ଦଣ୍ଡୁଆ ଦଳଙ୍କ ଗହଳି ଚହଳି ଓ ନଗର ପରିକ୍ରମା। ବର୍ଷ ତମାମ ବିଭିନ୍ନ ସମୟରେ ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା ହେଉଥିଲେ ମଧ ଦଣ୍ଡଯାତ୍ରା ସମୟରେ ମୟୂର ପୁଚ୍ଛ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଗୁଡ଼ା ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ବ୍ରହ୍ମପୁରରୁ ମୟୂର ପୁଚ୍ଛ ଆଣି ବିକ୍ରି କରୁଛନ୍ତି। ଦଣ୍ଡଯାତ୍ରା ସମୟରେ ବୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ମୟୂର ପୁଚ୍ଛ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଛି। ମାନସିକଧାରୀ ଦଣ୍ଡୁଆମାନେ ଏହି ମୟୂର ପୁଚ୍ଛକୁ ଧାରଣ କରିଥାନ୍ତି। ସ୍ଥାନୀୟ ମୁଖ୍ୟ ସଡ଼କସ୍ଥିତ ଅମ୍ବିକା ପୂଜା ଷ୍ଟୋର, ଗଣେଶ ବଜାରର ସାଇ ଭେରାଇଟ୍ ଷ୍ଟୋର, ମା' ଭୈରବୀ ଷ୍ଟୋର, ପଣ୍ଡା ପୂଜା ଷ୍ଟୋର, ଚନ୍ଦ୍ରପାତ୍ର ଷ୍ଟୋର ଏବଂ ମଦନମୋହନ ଛକର ମିତାଲି ଗିଫ୍ଟ ହାଉସ୍ ସାଙ୍ଗକୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଦେଖିବାକୁ ମିଳୁଛି ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା। ଏହିସବୁ ମୟୂର ପୁଚ୍ଛ ରାଜସ୍ଥାନର ଯୋଧପୁର, ଉତ୍ତରପ୍ରଦେଶର ଆଗ୍ରା, ପଶ୍ଚିମବଙ୍ଗର କୋଲକାତାରୁ ପ୍ରଚୁର ପରିମାଣର ଆସୁଥିବା ନେଇ ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି।

## ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ବେଗୁନିଆପଡ଼ା,୩୦।୩

ପ୍ରଥମେ ଫେସବୁକରୁ ବନ୍ଧୁତା ସ୍ଥାପନ କରିବା ଏବଂ ତା'ପରେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଭିଡିଓ କଲ୍‌ରେ ଭିଡିଓ ସୁଟ୍ କରିଥିଲା ପ୍ରେମିକ। ଏହାର ସୁଯୋଗ ନେଇ ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇଥିଲା। ପରେ ପରେ ତାକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲା। ଏ ଅଭିଯୋଗ ହେବା ପରେ ଗଞ୍ଜାମ ଜିଲା କୋଦଳା ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ କୋଦଳା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହିତ ଢେଙ୍କାନାଳର ବଉଳପୁର ଗ୍ରାମର ଚନ୍ଦୁ ବିହାରୀ ନାମକ ଜଣେ ଯୁବକଙ୍କ ଫେସବୁକରେ ବନ୍ଧୁତା ହୋଇଥିଲା। ଉଭୟଙ୍କ ମଧ୍ୟରେ ମୋବାଇଲ୍ ଯୋଗେ ବାର୍ତ୍ତାଳାପ ହେବା ପରେ ଯୁବକ ଜଣକ ପ୍ରେମ ଜାଲରେ ଫସାଇଥିଲା। କିଛି ଦିନ ପରେ ଅଶ୍ଳୀଳ ଭିଡିଓ କରାଇ ମହିଳାଙ୍କୁ ଶାରିରୀକ ସମ୍ପର୍କ ସ୍ଥାପନ ପାଇଁ ବାଧ କରିଥିଲା ଯୁବକ। ଏନେଇ ମହିଳା ଜଣକ କୋଦଳା ଥାନାରେ ଅଭିଯୋଗ କରିବା ପରେ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା

ଦିଗପହଣ୍ଡି,୩୦।୩(ଡି.ଏନ.ଏ.)

ଦିଗପହଣ୍ଡି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିନ ଗୌତମୀ ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ସମିତି ସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ରାଜୁ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ୬୨ ନଂ ଜୋନର ଜିଲା ପରିଷଦ ସଭ୍ୟା ସୁଲତାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ, ଗୌତମୀ ଗ୍ରାମ୍ୟ କମିଟି ସଭାପତି ନିଳକଣ୍ଠ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଜଗନ୍ନାଥ ପାତ୍ର, ସରପଞ୍ଚ ଝିଲି ରେଡ୍ଡୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ମାଁ ଠାକୁରାଣୀଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମବାୟ ସମିତିର ସମ୍ପାଦକ ଅଭିମନ୍ୟୁ ବେହେରା ପରିଚାଳନା କରିଥିବା ବେଳେ ସମବାୟ ସମିତିର ନିର୍ଦ୍ଦେଶକ ବୃନ୍ଦ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ସଭ୍ୟାଙ୍କ ସମେତ ବିଭିନ୍ନ ଗ୍ରାମର ଚାଷୀ ବୃନ୍ଦ ଉପସ୍ଥିତ ଥିଲେ।

## ସାହିତ୍ୟିକ ନୃସିଂହାନନ୍ଦ ସମ୍ମାନିତ

ଫୁଲବାଣୀ ଅଫିସ, ୩୦।୩


ଡଃ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟର ଓଡ଼ିଆ ଓ ଇତିହାସ ବିଭାଗର ଆନ୍ତଃରାଜ୍ୟ ସ୍ତରୀୟ ବାର୍ଷିକ ଆଲୋଚନା ଚକ୍ର ଓ ସମର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ମା' ତାରାତାରିଣୀ ସାହିତ୍ୟ ସଂସଦ ଓ କବି ନଟବର ସିଂ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାର ଶିକ୍ଷାବିତ ଓ ସାହିତ୍ୟିକ ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ମା' ତାରାତାରିଣୀ ଦିବ୍ୟ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ କାହ୍ନୁ ଚରଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ଼ଃ ଗୋପବନ୍ଧୁ ଦାସ, ଆଲୋଚକ ଭାବେ ଡ଼ଃ ଭଗବାନ ସାହୁ, ଡ଼ଃ ମଦନ ମୋହନ ମହାପାତ୍ର ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଡ଼ଃ ମହାପାତ୍ରଙ୍କ 'ଗୁରୁ ଅମୃତର ଖଣି' ପୁସ୍ତକ ଉନ୍ମୋଚିତ ହୋଇଥିଲା ।

## ମାଇନରିଟି ସେଲ୍ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧନା

ଆର.ଉଦୟଗିରି,୩୦।୩(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ୍ ଅଡ଼ବା ପଞ୍ଚାୟତରେ ଗୁରୁବାର ଗଜପତି ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମାଇନରିଟି ସେଲ୍ ଉପଦେଷ୍ଟା ପୃଥ୍ୱୀରାଜ୍ ସାହୁ, ଜିଲା ବ୍ଲକ୍ ସଭାପତି ତଥା ଅଧ୍ୟକ୍ଷ ରଞ୍ଜୀବ ଶବର, ଏମ୍‌ପି ପ୍ରତିନିଧି ଭାସ୍କର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ଏସ୍‌ଡିସି ମେମ୍ବର ହାଡ଼ିଆ କନ୍ଧ ତଥା ୧୫ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଏବଂ ବହୁ ବିଜୁ ପରିବାରର ବୁଦ୍ଧିଜୀବୀ ତଥା କର୍ମୀ ଉପସ୍ଥିତ ଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାଗୁଡ଼ିକ ସଫଳ ଭାବେ ରୂପାୟନ ହେଉଛି ନା ନାହିଁ ତା' ଉପରେ ଆଲୋଚନା କରିଥିଲେ। ୧୫ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ବିଭିନ୍ନ ସମସ୍ୟା ଉପରେ ପୃଥ୍ୱୀରାଜ୍ ସାହୁ, ଜିଲା ସଭାପତି ଜଗବନ୍ଧୁ ଦାସ, ବ୍ଲକ୍ ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଜିଲା ପ୍ରଶାସନ ନିକଟରେ ଏହି ସମସ୍ୟା ଉପସ୍ଥାପନ କରାଇ ସମାଧାନ କରିବା ନିମନ୍ତେ ଚେଷ୍ଟା କରିବେ ବୋଲି କହିଥିଲେ।

## ବାଲ୍ୟ ବିବାହମୁକ୍ତ କନ୍ଧମାଳ ଆହ୍ୱାନ


ଖବରଦାତା ସମ୍ମିଳନୀ ।

ବାଲିଗୁଡା,୩୦।୩(ଡି.ଏନ.ଏ.)

କନ୍ଧମାଳ ଜିଲାରେ ଶିଶୁମାନଙ୍କୁ ସାହାଯ୍ୟ, ସହଯୋଗ ଓ ସୁରକ୍ଷା ପ୍ରଦାନ ପାଇଁ ଅହରହ କାର୍ଯ୍ୟ କରି ଆସୁଥିବା ଚାଇଲ୍ଡ ଲାଇନ ପକ୍ଷରୁ ବାଲିଗୁଡ଼ା ସ୍ଥିତ ବନବାସୀ ସେବା ସମିତି ସଭାଗୃହଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମିତି ପରିସରରେ ଥିବା ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜିକା ରଞ୍ଜିତା କହ୍ମୋ ଓ ବନବାସୀ ସେବା ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସମଗ୍ର କନ୍ଧମାଳ ଜିଲାକୁ ବାଲ୍ୟ ବିବାହ ମୁକ୍ତ ଜିଲା କରିବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଜିଲା ଚାଇଲ୍ଡ ଲାଇନ ୪ଶହ ଟି ମାମଲା ହାତକୁ ନିଆଯାଇଥିବା ବେଳେ ୩୬ଟି ବାଲ୍ୟ ବିବାହ ରୋକାଯିବା ସହ ବିଭିନ୍ନ ମାମଲା ହାତକୁ ନେଇ ତାର ସମାଧାନ କରାଯାଇଥିବା ସମ୍ମିଳନୀରେ ପ୍ରକାଶ କରିଥିଲେ। ଶିଶୁ ମାନଙ୍କୁ ସହାୟତା ପାଇଁ ୧୦୯୮ ନମ୍ବରକୁ ଫୋନ କରିବା ପାଇଁ କନ୍ଧମାଳ ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ପଣ୍ଡା ନିବେଦନ କରିଛନ୍ତି।

## ପେଣ୍ଠୁରାବାଡ଼ି ଗାଁ କମିଟିର ଆଲୋଚନା ସଭା

ଦିଗପହଣ୍ଡି,୩୦।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡ଼ି ଗାଁ କମିଟି ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଗାଁର ୨ ଗୋଷ୍ଠୀ ମଧ୍ୟରେ ବାଦ ବିବାଦ ଲାଗି ରହିଥିଲା। ଏପରିକି ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ଯୋଗୁ ଗାଁରେ ଅଶାନ୍ତି ସୃଷ୍ଟି ହେବା ସହ ପରସ୍ପର ମଧ୍ୟରେ ଦୋଷାରୋପ କରି ଦିଗପହଣ୍ଡି ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିଲା। ଗାଁର ଶାନ୍ତ ପରିବେଶକୁ ଏହି ଗୋଷ୍ଠୀ ବିବାଦ ଚରମ ଅଶାନ୍ତି ସୃଷ୍ଟି କରିଥିଲା। କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏକାଧିକ ଗୋଷ୍ଠୀର ନେତୃତ୍ୱ ନେଇ ଗାଁରେ ଚରମ ବିଶୃଙ୍ଖଳା ସୃଷ୍ଟି କରି ଆସୁଥିଲେ। ଫଳରେ ଗାଁରେ ଯାନିଯାତ୍ରା ବନ୍ଦ ରହିଥିଲା। ଭଦ୍ର ବ୍ୟକ୍ତିମାନେ ମିଳିତ ଭାବେ ଗ୍ରାମ ଜଗନ୍ନାଥ ମନ୍ଦିର ପାଖରେ ବସି ଗୋଷ୍ଠୀ ବିବାଦର ସ୍ଥାୟୀ ସମାଧାନ ନିମନ୍ତେ ବିସ୍ତୃତ ଆଲୋଚନା କରିଥିଲେ। ଦିଗପହଣ୍ଡି ଥାନାରେ ଉଭୟ ଗୋଷ୍ଠୀ ଏବଂ ବ୍ୟକ୍ତିଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ମାମଲାକୁ ପ୍ରତ୍ୟାହାର ନିମନ୍ତେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଗାଁରେ ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ରକରି ଲାଗି ରହିଥିବା ଅଶାନ୍ତିକୁ ଦୂରୀଭୂତ କରି ସୁସ୍ଥ ଓ ଶାନ୍ତ ପରିବେଶ ସହ ପୂର୍ବଭଳି ସମସ୍ତ ଜନସାଧାରଣଙ୍କ ସହଯୋଗ କ୍ରମେ ଯାନି ଯାତ୍ରା ଏବଂ ସାମୂହିକ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିବା ଜଣାପଡିଛି। ସଭାରେ ସନ୍ତୋଷ କୁମାର ପଣ୍ଡା, ଗୋବିନ୍ଦ ସେଠୀ, ପ୍ରତାପ ଚନ୍ଦ୍ର ପଣ୍ଡା, କ୍ଷେତ୍ରବାସୀ ପଣ୍ଡା, ହରିଶ୍ଚନ୍ଦ୍ର ମିଶ୍ର, ନୀଳାଞ୍ଚଳ ପଣ୍ଡା, ଡମ୍ବ ସେଠୀ, ପ୍ରଶାନ୍ତ ବେହେରା, କାଳୀ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାମନବମୀ ପାଇଁ ସବୁଠି ଉତ୍ସବମୁଖର ପରିବେଶ

କବିସୂର୍ଯ୍ୟନଗର/ ବାଲିଗୁଡ଼ା/ ପାରଳାଖେମୁଣ୍ଡି/ଦାରିଙ୍ଗବାଡ଼ି/ ବୁଗୁଡ଼ା, ୩୦।୩ (ଡି.ଏନ୍.ଏ):


ବେଗୁନିଆପଡାରେ ବାଇକ ଶୋଭାଯାତ୍ରା

ରାମନବମୀ ଅବସରରେ ଗୁରୁବାର ବିଭିନ୍ନ ସ୍ଥାନରେ ବେଶ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହିତ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। କବିସୂର୍ଯ୍ୟନଗରରେ ଭାଜପା ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରୁ ଏକ ବାଇକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରାଯାଇଛି। ଏହାର ନେତୃତ୍ୱ ନେଇଥିଲେ ବରିଷ୍ଠ ଭାଜପା ନେତା ପ୍ରତାପ ନାୟକ ଓ ସହଯୋଗ କରିଥିଲେ ଶ୍ୱେତ ଦୋରା, ତପନ ନାହାକ, ବିଶ୍ୱଜିତ ମହାପାତ୍ର ଏବଂ ଅନ୍ୟାନ୍ୟ ନେତୃସ୍ଥାନୀୟ ଭାଜପା କର୍ମୀ। ସନ୍ଧ୍ୟାରେ ଭେଙ୍କେଟେଶ୍ୱର ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ରାଜକୁମାର ୱାମନ ଭୋଶଲେ, ଇ. ମାହେଶ୍ୱରୀ ଦୋରା, ଦେବରାଜ ସାହୁ, ପ୍ରଦୀପ ପାଣିଗ୍ରାହୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କବିସୂର୍ଯ୍ୟନଗର ଠାରେ ପବିତ୍ର ଶ୍ରୀରାମ ନବମୀରେ ବିଦ୍ୟାଳୟର ଉପସଭାପତି ବଂଶୀଧର ପ୍ରଧାନ ଦୀପ ପ୍ରଜ୍ୱଳନ କରି ରାମଲାଲାଙ୍କ ଜନ୍ମାବତାରଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ମିହିର କୁମାର ଶତପଥୀ, ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ନିବେଦିତା ପଟ୍ଟନାୟକ, କୋଷାଧ୍ୟକ୍ଷ ମୁରଲୀଧର ପାଣିଗ୍ରାହୀ ଓ ଯୁଗ୍ମ ସମ୍ପାଦକ ବୁଲୁ ପଲେଇ ଉପସ୍ଥିତ ଥିଲେ।

ସେହିପରି ବେଗୁନିଆପଡ଼ରେ ରାମ ନବମୀଅବସରରେ ରାମଭକ୍ତଙ୍କ ବାଇକ୍ ଶୋଭାଯାତ୍ରା ଦେଖିବାକୁ ମିଳିଛି। ଜୟ ଶ୍ରୀରାମ ନାରା ଦେଇ ରାମ ଭଜନ, ରାମଧ୍ୱନିରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ବାଇକ୍ ରାଲିରେ ବାହାରିଥିଲେ। ଭାଜପା ନେତା ପ୍ରତାପ ନାୟକଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ରାମପ୍ରେମୀମାନେ କବିସୂର୍ଯ୍ୟନଗରଠାରୁ ବାହାରି କୋଦଳାରେ ପହଞ୍ଚିଥିଲେ। କୋଦଳା ସହର ପରିକ୍ରମା ପରେ ବେଗୁନିଆପଡ଼ା ଦେଇ ଅଙ୍ଗାର ଗାଁ ପର୍ଯ୍ୟନ୍ତ ଯାଇଥିଲେ।

ସେହିପରି ବୁଗୁଡା ନିକଟସ୍ଥ ବି.ବ୍ରହ୍ମପୁର ଗ୍ରାମ କଦମ୍ବମଠରେ ମହନ୍ତ ରାଘବାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ୩୭ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଶ୍ରୀରାମ ସେବା ସମିତି ପକ୍ଷରୁ ବି.ବ୍ରହ୍ମପୁର ଗ୍ରାମବାସୀଙ୍କ ସହଯୋଗରେ ୨୮ରୁ ଆସନ୍ତା ଏପ୍ରିଲ୍ ୬ ପର୍ଯ୍ୟନ୍ତ ଆୟୋଜିତ ଉକ୍ତ ଉତ୍ସବ ଅବସରରେ ଗତ ମଙ୍ଗଳବାର ଶୁଭାଧିବାସ ଏବଂ ବୁଧବାରଠାରୁ ପ୍ରତ୍ୟହ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରୀରାମଚରିତ ମାନସ ପାରାୟଣ ଓ ହୋମ, ସନ୍ଧ୍ୟାରେ ଆଳତି ଦର୍ଶନ ପରେ ଭଜନ ସମାରୋହ ସାଙ୍ଗକୁ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ପ୍ରଶାନ୍ତ ମିଶ୍ର, ଦଧିବାମନ ଦାଶ, ସତ୍ୟ ରଞ୍ଜନ ରଥ ଓ ଉମାକାନ୍ତ ମହାପାତ୍ର ପ୍ରମୁଖ ପଣ୍ଡିତଗଣ ଯୋଗ ଦେଉଥିବା ଜଣାଯାଇଛି।

ସେହିପରି କନ୍ଧମାଳ ଜିଲା ବାଲିଗୁଡା ଟାଉନରେ ଥିବା ବିଭିନ୍ନ ମନ୍ଦିରରେ ବହୁ ଆଡମ୍ବର ସହକାରେ ଶ୍ରୀରାମ ନବମୀ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ସକାଳୁ ବହୁ ଭକ୍ତ ମାନେ ମା' ପାଟଖଣ୍ଡା ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର, ରାମେଶ୍ୱର ମନ୍ଦିର ବିରୁପାକ୍ଷ ମନ୍ଦିର ଓ ହନୁମାନ ମନ୍ଦିରରେ ଭିଡ଼ ଲାଗି ରହିଥିବା ବେଳେ ପାଟଖଣ୍ଡା ମନ୍ଦିର ପରିସରରେ ଥିବା ହନୁମାନ ମୂର୍ତ୍ତି ନିକଟରେ ସ୍ଥାନୀୟ ହନୁମାନ ଚାଳିଶା କମିଟି ତରଫରୁ ଘୃତଯଜ୍ଞ ସହ ଶ୍ରୀରାମ ଚାଳିଶା ପାଠ କରାଯାଇଥିଲା। ଶୋଭାଯାତ୍ରାରେ କୁନିକୁନି ପିଲା ମାନଙ୍କୁ ନେଇ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଭଳି ବିଭିନ୍ନ ବେଶ ଭୁଷାରେ ସଜ୍ଜିତ କରାଯାଇ ସମଗ୍ର ସହର ପରିକ୍ରମା କରାଯାଇଥିଲା। ସ୍ଥାନୀୟ ସିଆରପିଏଫ କ୍ୟାମ୍ପରେ ମଧ ଶ୍ରୀରାମ ନବମୀ ପାଳନ କରାଯାଇଛି। ଏତଦ ବ୍ୟତୀତ ଜେଲ ନିକଟରେ ଥିବା ହନୁମାନ ମନ୍ଦିରରେ ଏବଂ ରାମେଶ୍ୱର ମନ୍ଦିର ନିକଟରେ ଥିବା ହନୁମାନ ମନ୍ଦିରରେ ଶ୍ରୀରାମଚାଳିଶା, ରାମ ନାମ ଯଜ୍ଞ, ଦୀପଯଜ୍ଞ ସମାରୋହ ଆୟୋଜିତ କରିବା ପରେ ପ୍ରସାଦ ସେବନ କରିଥିଲେ। ପ୍ରତ୍ୟେକ ମନ୍ଦିରର ପରିଚାଳନା କମିଟି ଓ ସଦସ୍ୟଙ୍କ ସହଯୋଗରେ ସଫଳତାର ସହ ସମାପନ ହୋଇଥିଲା।

ସେହିପରି ଦାରିଙ୍ଗବାଡି ଠାରେ ଶ୍ରୀରାମ ନବମୀ ଧୂମଧାମରେ ପାଳନ କରାଯାଇଛି। ଏହି ଅବସରରେ ଶିବମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳବାସୀ ଓ ବିଶ୍ୱ ହିନ୍ଦୁ ପରିଷଦର ଶତାଧିକ କର୍ମକର୍ତ୍ତା ସାମୂହିକ ହନୁମାନ ଚାଳିଶା ପାଠ କରିଥିଲେ। ଏକ ବିରାଟ ବାଇକ ଶୋଭାଯାତ୍ରା କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସହସମ୍ପାଦକ ପ୍ରିୟନାଥ ଶର୍ମାଙ୍କ ସମେତ ଅର୍ଚ୍ଚକ ପୁରୋହିତ ସଂଯୋଜକ ଓ କନ୍ଧମାଳ ଜିଲା ସଂଗଠନ ମନ୍ତ୍ରୀ ମନୋଜ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କର୍ମକର୍ତ୍ତା ଦିଲୀପ କୁମାର ସାହୁ, ଅଜିତ ସାହୁ, ହରେନ ସାହୁ, ପ୍ରଭାକର ସାହୁ, ମିଟୁ ସାହୁ, ମଣ୍ଟୁ ସାହୁ,ଭାଲୁ ସାହୁ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ପାରଳାଖେମୁଣ୍ଡି ସହରରେ ର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ଜନ୍ମ ଦିନରେ ରାମଚନ୍ଦ୍ରଙ୍କ ଦର୍ଶନ ପାଇଁ ସହରର ସମସ୍ତ ରାମ ମନ୍ଦିରରେ ଭିଡ ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡିରେ ବିଶ୍ୱହିନ୍ଦୁ ପରିଷଦ,ବଜରଙ୍ଗୀ ଦଳ ଓ ଆଦିତ୍ୟ ବାହିନୀ ମିଳିତ ଭାବେ ପବିତ୍ର ରାମନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ବିଦ୍ୟାପୀଠ ନିକଟରୁ ବାହାରି ଗାନ୍ଧୀଛକ,ରାଜଦାଣ୍ଡ ସାହି ଦେଇ ପୂରା ସହର ପରିକ୍ରମା କରିଥିଲେ। ଜିଲାର ବହୁ ସାଧୁସନ୍ଥ ଶୋଭାଯାତ୍ରାରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶ୍ରେଷ୍ଠ ସ୍ନାତକ ଭାବେ ସମ୍ମାନିତ ହେଲେ ପ୍ରିୟଙ୍କା



ଆସିକା ୩୦।୩ (ଡି.ଏନ୍.ଏ.): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ତରରେ ୨୦୨୨ ଶିକ୍ଷା ବର୍ଷରେ ଶ୍ରେଷ୍ଠତମ ସ୍ନାତକ କଳାରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୪ତମ ସମାର୍ବନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ପ୍ରିୟଙ୍କାଙ୍କୁ ସମ୍ମାନିତ କରିଥିଲେ। ହିନ୍ଦୀ ଭାଷା ସାହିତ୍ୟ ସମ୍ମାନରେ ମଧ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରିୟଙ୍କା ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଆସିକା ବ୍ଲକ ହରିଡାପଦର ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରୀ ଗ୍ରାମର ରାଜେନ୍ଦ୍ର ପାତ୍ର ଓ ଗୀତାଞ୍ଜଳି ପାତ୍ରଙ୍କ କନ୍ୟା ପ୍ରିୟଙ୍କା ଏହି ସଫଳତାର ଶ୍ରେୟ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ, ହିନ୍ଦୀ ବିଭାଗର ଅଧାପକ ରାଜେଶ କୁମାର ସାହୁ, ଅଧାପିକା ଜିନିତ ସବା, ଅଧାପିକା ଲକ୍ଷ୍ମୀ ଦୋରାଙ୍କୁ ଅର୍ପଣ କରିଛନ୍ତି।

### ଛାତ୍ରୀଙ୍କୁ କମେଣ୍ଟ ମାରି ୨ ଗିରଫ

ହିଞ୍ଜିଳିକାଟୁ ୩୦।୩(ଡି.ଏନ୍.ଏ): ସୋରଡା ଅଞ୍ଚଳର ଜଣେ ଛାତ୍ରୀ ହିଞ୍ଜିଳିକାଟୁ କଲେଜକୁ ଯିବା ସମୟରେ ଦୁଇଜଣ ଯୁବକ ବୁଧବାର ତାଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ନେଇ ସେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୯୬/୨୩ ରେ ମାମଲା ରୁଜୁ ତଦନ୍ତ କରିବା ସହିତ ତାରାତାରିଣୀ ରୋଡ଼ର ପିଣ୍ଟୁ ଗୌଡ଼ ଓ ଗାଙ୍ଗପୁର ଥାନା ନିମିନା ଅଞ୍ଚଳର ରାକେଶ ମହାପାତ୍ରଙ୍କୁ ଗିରଫକରିଛି। ଷ୍ଟ୍ରିଟ ରୋମିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଅଭିମନ୍ୟୁ ଦାସ ସୂଚନା ଦେଇଛନ୍ତି।

### ବୁଲେଟ ଚୋରି

ପାରଳାଖେମୁଣ୍ଡି, ୩୦।୩ (ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରାଞ୍ଚଳରୁ ବୁଧବାର ବିଳମ୍ବିତ ରାତିରେ ଦୁଇ ଜଣ ଦୁର୍ବୃତ୍ତ ଦେବିଡି ଗ୍ରାମ ନିକଟରେ ଥିବା ଏକ କମ୍ପ୍ଲେକ୍ସରୁ ଗୋଟିଏ ବୁଲେଟ ଚୋରି କରିଥିବା ଅଭିଯୋଗ ହୋଇଛି। ପାରଳା ଆଦର୍ଶ ଥାନାର ଅଧିକାରୀ ତପନ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ତଦନ୍ତ କରିଛନ୍ତି। ସିସିଟିଭିରେ ଚୋରି ଘଟଣା କଏଦ ହୋଇଛି।

### ବଜରଙ୍ଗ ଦଳର ବିଶାଳ ଶୋଭାଯାତ୍ରା

ହିଞ୍ଜିଳିକାଟୁଲ, ୩୦।୩(ଡି.ଏନ.ଏ): ବଜରଙ୍ଗ ଦଳ ହିଞ୍ଜିଳିକାଟୁ ପ୍ରଖଣ୍ଡ ତରଫରୁ ଗୁରୁବାର ଶ୍ରୀରାମ ନବମୀରେ ସମାରୋହ ଓ ଶୋଭାଯାତ୍ରା କରାଯାଇଛି। ରେଗିଡିସାହି ଚାରିଛକ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ବଜରଙ୍ଗ ଦଳର ଶତାଧିକ କର୍ମୀ ଶୋଭାଯାତ୍ରାରେ ଆଙ୍କୋରଡା, ଥାନାସାହି, ହିଞ୍ଜିଳି, ବ୍ଲକ କଲୋନୀ ଦେଇ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲେ। ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ଆଲୋକ ନାୟକ, କଳିଙ୍ଗ ମୁନି , ଭାଜପା ନେତା ଶିଶିର ମିଶ୍ର, ମାଧବ ଗୌଡ, ସନ୍ତୋଷ କୁମାର ପାଣିଗ୍ରାହୀ, ରଜନୀକାନ୍ତ ପାଢ଼ୀ, ନୟନ ମଲିକ, ଗିରିଧର ପାଢ଼ୀ ,ପି. ଅନ୍ତର୍ଯ୍ୟାମୀ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହିଞ୍ଜିଳିକାଟୁ ବ୍ଲକର ଶିକିରି, କଂଚୁରୁ ପୌରପରିଷଦ ଆଙ୍କୋରଡା ଓ ରାଜବାଟୀ ହନୁମାନ ମନ୍ଦିର, ହିଞ୍ଜିଳି ରଘୁନାଥ ମନ୍ଦିର, ରାହୀ ପାହାଡ଼ ହନୁମାନ ମନ୍ଦିରରେ ପବିତ୍ର ରାମନବମୀ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି।

### ବଲସକୁମ୍ଭା ଦଣ୍ଡଯାତ୍ରା ଆରମ୍ଭ

ଖଜୁରିପଡ଼ା, ୩0।୩: କନ୍ଧମାଳ ଜିଲାରେ କଳା ସଂସ୍କୃତି, ଲୋକ ନାଟ୍ୟ,ଏବଂ ପାରମ୍ପରିକ ନୃତ୍ୟ ମଧରୁ ଦଣ୍ଡ ନାଚ ଯାତ୍ରା ଅନ୍ୟତମ । ମା' ବରାଳ ଦେବୀଙ୍କ ଶକ୍ତି ପୀଠ ସାଙ୍ଗକୁ ରହିଛି ବାବା ଗୁପ୍ତେଶ୍ୱରଙ୍କ ଶକ୍ତି ପୀଠ। ଏହି ଶିବ ଶକ୍ତି ପୀଠରେ ବୁଧବାର ରାତିରେ ଦଣ୍ଡ ଯାତ୍ରା ଆରମ୍ଭ ହୋଇଛି । ମାନସିକଧାରୀମାନେ ମା'ଙ୍କୁ ନିଜ ଘରକୁ ନେଇ ପୂଜା ଅର୍ଚ୍ଚନା କରିବା ପାଇଁ ଆନନ୍ଦ ଉଲ୍ଲାସର ସହିତ ଗତ ରାତିରୁ ସମାଗମ ହୋଇଛନ୍ତି। ଏହି ଯାତ୍ରାରେ ଦୀର୍ଘ ୧୭ ଦିନ ମା' ବାହାରେ ବୁଲି ସମସ୍ତ ଭକ୍ତଙ୍କୁ ଦର୍ଶନ ଦିଅନ୍ତି।

# ଦିଗପହଣ୍ଡିରେ କାଳବୈଶାଖୀର ତାଣ୍ଡବ

## ବହୁ ଚାଳ ଛପର ଉଡ଼ିଲା, ଗଛଡାଳ ପଡ଼ି ମହିଳା ଗୁରୁତର

**ଦିଗପହଣ୍ଡି,୩୦।୩(ଡି.ଏନ.ଏ.)**

ଦିଗପହଣ୍ଡି ଅଞ୍ଚଳରେ କାଳବୈଶାଖୀ ଗୁରୁବାର ତାଣ୍ଡବ ରଚିଛି। ଏହାର ପ୍ରଭାବରେ ଅନେକ ଲୋକଙ୍କ ଘରର ଚାଳ ଛପର ଉଡିଯାଇଛି। ବଡ ବଡ ଗଛ ପଡି ରାସ୍ତା ଜାମ୍ ହୋଇଯାଇଛି। ଗଛ ଡାଳ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି। ଅପରାହ୍ନ ୩ ଘଣ୍ଟା ସମୟରେ ପ୍ରବଳ ପବନ ସହ ଝଡ ତୋଫାନ୍ ହୋଇଥିଲା। ବ୍ଲକ୍‌ର କଇଠଖଣ୍ଡି ଅଞ୍ଚଳରେ ପ୍ରାୟ ଏକଘଣ୍ଟା ଧରି ପ୍ରବଳ ବେଗରେ ପବନ ବହିବାରୁ ଚକାତେନ୍ତୁଳି ଗ୍ରାମର ସନ୍ତୋଷ ଦୋରାଙ୍କ ଚାଳଛପର ଘର ଉଡିଯାଇଛି। ଘନ ସିଂ ଗ୍ରାମର ବିଷ୍ଣୁ ମହାରଣାଙ୍କ ରୋଷେଇ ଘର ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଉଜ୍ଜଳ ଗୌଡଙ୍କ ବଖରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିରପାଟଣାର ୮/୯ ଆଦିବାସୀଙ୍କ ଚାଳ ଓ ଟିଣ ଘର ସମ୍ପୂର୍ଣ୍ଣ ଉଡିଯିବାରୁ ସେମାନେ ବାସହରା ହୋଇଯାଇଛନ୍ତି। ଚକାତେନ୍ତୁଳି-ବୋରିପଦର ରାସ୍ତାରେ ବଡ ବଡ ଗଛ ପଡି ରାସ୍ତା ଜାମ୍ ହୋଇଯାଇଥିଲା। ପ୍ରଭାବିତ ଗାଁ ଗୁଡିକୁ କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଜରିପାଲ ପ୍ରଦାନ କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ପ୍ରଦାନ କରିବା ପାଇଁ ସରପଞ୍ଚ ଦାବି କରିଛନ୍ତି। ସେହିପରି କୃଷ୍ଣଚନ୍ଦ୍ରପୁର ଗ୍ରାମର ଜଣେ ମହିଳା ଗଛଡାଳ ପଡି ଗୁରୁତର ଆହତ ହେବା ଘଟଣା ଚର୍ଚ୍ଚାର ବିଷୟ ଆସିଛି। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ବ୍ରହ୍ମପୁର ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ନାମ ଜୟଶ୍ରୀ ପ୍ରଧାନ(୧୯) ବୋଲି ଜଣାପଡିଛି। ଦିଗପହଣ୍ଡି ତହସିଲଦାର ସିପକ୍ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ରାଜସ୍ୱ ନୀରିକ୍ଷକ ପ୍ରଭାବିତ ଗାଁଗୁଡିକୁ ଯାଇ କ୍ଷୟକ୍ଷତି ଆକଳନ କରିବା ପରେ ରିଲିଫ୍ କୋଡ୍ ଅନୁଯାୟୀ ସେମାନଙ୍କୁ ସହାଯ୍ୟ ସହଯୋଗ ଯୋଗାଇ ଦିଆଯିବ।



ଝଡ଼ ତୋଫାନରେ ରାସ୍ତାରେ ଭାଙ୍ଗି ପଡ଼ିଥିବା ଗଛ।

# ମୌଳିକ ସମସ୍ୟା ସମାଧାନ ପାଇଁ ଦାବିପତ୍ର



ବାଲିବାଡ଼ ଗ୍ରାମବାସୀ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଦିଗପହଣ୍ଡି,୩୦।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଅନ୍ତର୍ଗତ ବାଲିବାଡ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ଦିଗପହଣ୍ଡି ବିଡିଓ ଡ.ଚିତ୍ତରଞ୍ଜନ ଦାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରାଯିବାକୁ ଅନୁରୋଧ କରାଯାଇଛି। ବରିଷ୍ଠ ଭାଜପା ନେତା ଇଂ.ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରଦତ୍ତ ଦାବିପତ୍ରରେ ପିଇବା ପାଣି ସମସ୍ୟାର ସମାଧାନ କରିବା ଏବଂ ଅଚଳ ଷ୍ଟ୍ରିଟ୍ ଲାଇଟ ଗୁଡିକୁ ମରାମତି କରି ପୁନଃ ସଚଳ କରିବା ପାଇଁ ଉଲ୍ଲେଖ ରହିଛି। ବିଡିଓଙ୍କ ସହ ଆଲୋଚନା ସମୟରେ ଆସନ୍ତା ଏପ୍ରିଲ ୩ ତାରିଖଠାରୁ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେଉଥିବାରୁ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଗ୍ରାମବାସୀ ଅନୁରୋଧ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଯୁବନେତା ଗଦାଧର ସ୍ୱାଇଁଙ୍କ ସମେତ ହରିଶ୍ଚନ୍ଦ୍ର ପ୍ରଧାନ, ଏନ୍. ଲିଙ୍ଗରାଜ ପାତ୍ର, ଝଜିଆ ନାୟକ, ଲିମା ଦଳାଇ, କୁମୁଟି ନାୟକ, ସୁଦର୍ଶନ ଦଳାଇ, ରବୀନ୍ଦ୍ର ନାଥ ମିଶ୍ର, ଅନିଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ

**ରାୟଗଡ଼(ଗଜପତି),୩୦।୩**

ଗଜପତି ଜିଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀ ରାମ ନବମୀ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଆନୁକୂଲ୍ୟରେ ମଣ୍ଡଳ ସାହି କେନ୍ଦ୍ର ତରଫରୁ ମୁରାଇ ସାହିରେ ଶ୍ରୀରାମ ନବମୀ ମହୋତ୍ସବ ପାଳନ କରିଥିଲେ। ଆଦିବାସୀ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ଏଥିରେ ବକ୍ତା ଭାବେ ବାବା ଅଚ୍ୟୁତାନନ୍ଦ ଦାସ ମହାରାଜ ଓ ପଣ୍ଡିତ ଶିକ୍ଷକ ରାଜେଶ ରଞ୍ଜନ ତ୍ରିପାଠୀ ଯୋଗ ଦେଇ ଶ୍ରୀରାମଙ୍କ ଜୀବନୀ କାହାଣୀ ଉପରେ ପ୍ରବଚନ ଦେଇଥିଲେ। ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ସିଡିପିଓ ତେରେସ୍କୋଭା ମଲ୍ଲିକ, ଜିଲା ପରିଷଦ ସଭ୍ୟ ଗୌତମୀ ଜାନି, ସରପଞ୍ଚ ବିଶ୍ୱନାଥ ଭୂୟାଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ନୀଳକଣ୍ଠ ରଇତ ପରିଚାଳନା କରିଥିଲେ। ସେହିପରି ପାରଳାଞ୍ଚଳ ଜାରା ଶବରକୁଳ ସଂସ୍କାର ସମିତି ପକ୍ଷରୁ କରଡ଼ାସିଂ ଗ୍ରାମରେ ଶ୍ରୀରାମ ନବମୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତ୍ରିନାଥ କାର୍ଯୀ, ସମ୍ମାନିତ ଅତିଥି ଦୁର୍ଯ୍ୟୋଧନ ଜାନି, ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ, ଉପଦେଷ୍ଟା ରାଧାକୃଷ୍ଣ ଜାନି, ସୀମାଦ୍ରି ଦଳାଇ, ଉପସଭାପତି ପଞ୍ଚମନ କୁମ୍ଭ, ସହସମ୍ପାଦକ କୃଷ୍ଣ ଚନ୍ଦ୍ର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପାରଳାଞ୍ଚଳ ଜାରା ଶବରକୁଳ ସଂସ୍କାର ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୭୦ ଖଣ୍ଡ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ଦଳାଇ, ଶିବ ଶଙ୍କର ଭୂୟାଁ ପରିଚାଳନା କରିଥିଲେ।

# ଅପହରଣ ପରେ ବଳାତ୍କାର, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୩୦।୩(ଡି.ଏନ.ଏ.)- ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଦରଥାନା ଅଧିନସ୍ଥ ଢ଼େଙ୍ଗାପଦର ଗ୍ରାମର ନରସିଂହ ନାୟକ (୨୮)। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ଏକ ଗ୍ରାମରେ ମାର୍ଚ୍ଚ ୪ ରେ ଜନୈକା ନାବାଳିକା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ପରୀକ୍ଷା ଦେବାପାଇଁ ଯାଇ ଘରକୁ ଫେରିନଥିଲେ। ନିରସିଂହ ଉକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରି ନେଇଯାଇଥିଲେ। ପରିବାର ଲୋକେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଓ ନରସିଂହ ଭୁବନେଶ୍ୱରରେ ଥିବା ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଏକ ସ୍ୱତନ୍ତ୍ର ଟିମ ଯୋଗେ ଗୁରୁବାର ସକାଳେ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ନରସିଂହଙ୍କୁ ଗିରଫ କରିଥିଲା। ମଧ୍ୟାହ୍ନରେ ଉଭୟଙ୍କୁ ଡ଼ାକ୍ତରୀ ମାଇନା କରିବା ପରେ ନରସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୧୬୪ ଧାରା ଅନୁସାରେ ବିଚାରପତି ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ଼ କରାଯାଇଛି।

# ଶ୍ରୀରାମ ନବମୀ ମହୋତ୍ସବ

ଗୋପାଳପୁର/ବ୍ରହ୍ମପୁର ଅଫିସ,୩୦।୩-

ମାଣ୍ଡିଆପଲ୍ଲୀ ପ୍ରସିଦ୍ଧ ହନୁମାନ ପୀଠରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। କମିଟି ମୁଖ୍ୟ ପୁରୋଧା ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଅଶ୍ୱିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ପୁରୋହିତ ସୁବ୍ରତ ତ୍ରିପାଠୀ, ତ୍ରିଲୋଚନ ପାଢ଼ୀ, ଉମାଶଙ୍କର ମିଶ୍ର ଓ ଶ୍ରୀଶ ଦାସ ପ୍ରମୁଖ ଯଜ୍ଞ ପରିଚାଳନା କରୁଛନ୍ତି। ଶ୍ରୀରାମ ନବମୀ ଅବସରରେ ଅସ୍ଥାୟୀ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ଓ ଜନ୍ମ ନୀତିକାନ୍ତି ସମାପନା ହୋଇଥିଲା। ଏହି ଅବସରରେ ପଂଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞ ୧୬ ଦିନ ବ୍ୟାପୀ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲୁରହିବ। ଯଜ୍ଞ ଉଦ୍‌ଘାଟନୀ ଦିବସରେ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର କର୍ତ୍ତା ଭାବେ ଉପସ୍ଥିତ ଥିଲେ। ତହସିଲଦାର ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଭିଜିଲାନ୍ସ,ବନ ବିଭାଗ ପକ୍ଷରୁ ଚଢ଼ାଉ

**ଗୋପାଳପୁର,୩୦।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧିନସ୍ଥ ଝାଟିପଦର ଗ୍ରାମରେ ଗୁରୁବାର ଭୋର ସମୟରେ ଭିଜିଲାନ୍ସ ଓ ବନ ବିଭାଗର ମିଳିତ ଟିମ ଚଢ଼ାଉ କରି କାଠ ଗଣ୍ଡି ଓ ଟାଟା ଏସି ଗାଡ଼ି ଜବତ କରିଥିବା ସୂଚନା ମିଳିଛି। ଏ ନେଇ ବ୍ରହ୍ମପୁର ବନାଞ୍ଚଳ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଚଳେଇଥିବା ଜଣାପଡିଛି। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ଝାଟିପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗୁରୁବାର ଭୋର ପ୍ରାୟ ୪ ଟା ବେଳେ ଏକ ଟାଟା ଏସିରେ କାଠ ଗଣ୍ଡି ଲୋଡ଼୍ ହେଉଥିବା ବେଳେ ଭିଜିଲାନ୍ସ ଓ ବନ ବିଭାଗର ଏକ ଟିମ ଚଢ଼ାଉ କରିଥିଲେ। ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ସେଠାରୁ ଜାମୁ, ଆକାଶିଆ କାଠ ଓ ଟାଟା ଏସି ଗାଡି ବନ ବିଭାଗ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ ବ୍ରହ୍ମପୁର ବନାଞ୍ଚଳ ପକ୍ଷରୁ କେଶ ନଂ ୧୩/୨୨-୨୩ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଜବତ କାଠ ଗଣ୍ଡି ।

# ଚାମୁଣ୍ଡା ମନ୍ଦିରରେ ବାସନ୍ତୀକ ନବରାତ୍ର ପୂଜା ପୂର୍ଣ୍ଣାହୁତି

**ଦିଗପହଣ୍ଡି,୩୦।୩(ଡି.ଏନ.ଏ.)**

ଦିଗପହଣ୍ଡି ମା' ଚାମୁଣ୍ଡା ମନ୍ଦିରରେ ଚାଲିଥିବା ବାସନ୍ତୀକ ନବରାତ୍ର ପୂଜା ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ଏହି ସମୟରେ କାଳବୈଶାଖୀର ପ୍ରଭାବ ଯୋଗୁଁ ହୋମଯଜ୍ଞ ସ୍ଥଳ ପ୍ରଭାବିତ ହୋଇଛି। ଚାମୁଣ୍ଡା ମନ୍ଦିରର ପ୍ରତିଷ୍ଠାତା ତଥା ମହେନ୍ଦ୍ର ଗିରି ପାହାଡର ସାଧୁ ଲକ୍ଷ୍ମୀ ବାବା ମଧ ନିମନ୍ତ୍ରଣ ପାଇ ଚାମୁଣ୍ଡା ମନ୍ଦିରରେ ପହଞ୍ଚିଥିଲେ। ଦିଗପହଣ୍ଡି ନଗର ବିଧାୟକ ପ୍ରତିନିଧି ତଥା ପୂର୍ବତନ ନଗରପାଳ ଭି.ରବିନାରାୟଣ ରାଜୁ, ଏମପି ପ୍ରତିନିଧି ନିରୁପମା ପଟ୍ଟନାୟକ, ସରପଞ୍ଚ ବି.କ୍ରୀଷ୍ଣାରାଓ ସୁବୁଦ୍ଧି, ଚାମୁଣ୍ଡା ମନ୍ଦିର ପରିଚାଳନା କମିଟିର ସଭାପତି ଡ଼.ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଛାତ୍ର ପରିଚାଳନା ମହୋତ୍ସବ 'ମଞ୍ଜୀର'

**ପାରଳାଖେମୁଣ୍ଡି,୩୦।୩(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସେଞ୍ଚୁରିଏନ ୟୁନିଭେର୍ସିଟି କ୍ୟାମ୍ପସସ୍ଥିତ ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ କଲେଜ ଅଡିଟୋରିୟମଠାରେ ଜାତୀୟସ୍ତରୀୟ ଛାତ୍ର ପରିଚାଳନା ମହୋତ୍ସବ 'ମଞ୍ଜୀର ୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି। ଏହି ମ୍ୟାନେଜମେଣ୍ଟ ଫେଷ୍ଟ ୨୦୨୩ ମାର୍ଚ୍ଚ ୨୮ ଓ୨୯ ଦୁଇ ଦିନ ଧରି ଚାଲିଥିଲା। ସିୟୁଟିଏମ୍‌ର ଉପାଧକ୍ଷ ପ୍ରଫେସର ଡି. ଏନ୍. ରାଓ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସିୟୁଟିଏମ୍‌ର ରେଜିଷ୍ଟ୍ରାର ଅନିତା ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଦେବୀ ପ୍ରସାଦ ଶତପଥୀ ପିଜିପି କୋଅର୍ଡିନେଟର ଓ ଦୁର୍ଗା ପ୍ରସାଦ ପାଢୀ ଡାଇରେକ୍ଟର ଆଡମିନ ବହୁ ଉତ୍ସାହର ସହ ସଭାକୁ ସମ୍ବୋଧିତ କରିଥିଲେ। ମଞ୍ଜୀର ୨୦୨୩ର ଆବାହକ ଡଃ ସୁଶାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ପକ୍ଷରୁ ମ୍ୟାନେଜମେଣ୍ଟ ବୈଷୟିକ, ଅଣ-ବୈଷୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ସ୍ଥାନୀୟ ସୂର୍ଯ୍ୟ ଡିଗ୍ରୀ ମହାବିଦ୍ୟାଳୟ, ଗାୟତ୍ରୀ କଲେଜ, ଶ୍ରୀକାକୁଲମରୁ ସରକାରୀ ଡିଗ୍ରୀ କଲେଜ, ଆଦିତ୍ୟ ମହାବିଦ୍ୟାଳୟର କାର୍ମେଲ ଉଚ୍ଚ ମାଧମିକ ବିଦ୍ୟାଳୟ, ପାରଳାଖେମୁଣ୍ଡି ସ୍ଥିତ ସରକାରୀ ପଲିଟେକନିକ କଲେଜ ଓ ଏସ୍‌କେସିଜି କଲେଜର ପ୍ରାୟ ୬୦ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର ଓ ଅଧାପକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା, ଶୁଭଖୁଣ୍ଟି ସ୍ଥାପନ

**ବୁଗୁଡା,୩୦।୩(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମରେ ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଓ ୨୪ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ସକାଶେ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଅଭିମନ୍ୟୁ ପଣ୍ଡା ଓ ପୁରୋହିତ ଭାବେ ପଣ୍ଡିତ କାଳୁ ଚରଣ ଶତପଥୀ, ରବିନ୍ଦ୍ର ଷଡଙ୍ଗୀ, ଚିରଞ୍ଜିବି ଷଡଙ୍ଗୀ, ନଗେନ୍ଦ୍ର ନାଥ ଷଡଙ୍ଗୀ, ବଳରାମ ଖାଡଙ୍ଗା ଓ ଘୁଙ୍ଗା ଖାଡଙ୍ଗା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଶୁଭଖୁଣ୍ଟିକୁ ପ୍ରଥମେ ମନ୍ତ୍ର ପୂତ କରାଯାଇ ହରିବୋଲ ହୁଳହୁଳି ପକାଇ ବାଦ୍ୟ ବାଜଣା ସହ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ତାପରେ ମନ୍ତ୍ର ପାଠ ପୂର୍ବକ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟିକୁ ମଝି ଦାଣ୍ଡରେ ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ସୀମାଞ୍ଚଳଦାଶ, ପ୍ରତାପ ଚନ୍ଦ୍ର ପାତ୍ର, ଗ୍ରାମର ଯୁବକ ସଂଘ ଏବଂ ମାଣିକପୁର ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଆର.ଉଦୟଗିରି,୩୦।୩(ଡି.ଏନ.ଏ.)**

ମୋହନା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୋହନା ବ୍ଲକ ଅଧକ୍ଷ ରଞ୍ଜୀବ ଶବର ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅବସରପ୍ରାପ୍ତ ସେନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଦଳାଇ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରବି କୁମାର ପାତ୍ର ବିଦ୍ୟାଳୟର ବିବରଣୀ ପଠନ କରିଥିବା ବେଳେ ସ୍ଥାନୀୟ ବିଧାୟକ ଦାଶରଥି ଗମାଙ୍ଗ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ପାଞ୍ଚ ଲକ୍ଷ ଟଙ୍କା ନିଜ ହାତ ପାଣ୍ଠିରୁ ପ୍ରଦାନ କରିଥିବା ସମ୍ପାଦକ ପ୍ରକାଶ କରିଥିଲେ। ଏହି ଉତ୍ସବରେ ଶିକ୍ଷା ଅଧିକାରୀ ଦେବଦାସ ତମରାପୁ, ଦଣ୍ଡାସି ସାହୁ, ରମେଶ ମହାପାତ୍ର, ବାବୁଲା ସେଠୀ, ପ୍ରଧାନ ଗୁରୁମା ଆରତୀ ପାଢ଼ୀ, ମାର୍ଶାଲ ନାୟକ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକା, ସୀମାଞ୍ଚଳ କାର୍ଜି ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ସୁପରିଚାଳନା ନିମନ୍ତେ ଅନୁଷ୍ଠାନର ଗୁଣ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଏବଂ ଅନୁଷ୍ଠାନର କର୍ମଚାରୀ ପରିଚାଳନା କରିବା ସହ ବିଭିନ୍ନ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରିଥିଲେ। ଏହା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଇଏଫଟିୟୁର ପ୍ରଥମ ରାଜ୍ୟ ସମ୍ମିଳନୀ

**ପାରଳାଖେମୁଣ୍ଡି, ୩୦।୩ (ଡି.ଏନ୍.ଏ.):**

ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମଜିବୀମାନଙ୍କୁ ସଂଗଠିତ କରିବା, ସେମାନଙ୍କର ଆଇନଗତ ଓ ନ୍ୟାୟ ସଙ୍ଗତ ଦାବିକୁ ସରକାର ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇ ହାସଲ କରିବା ତଥା ଶ୍ରମିକ ଶ୍ରେଣୀର ବିଭିନ୍ନ ବର୍ଗ ମଧ୍ୟରେ ଏକତା ସୃଷ୍ଟି କରି ଶ୍ରମିକ ଶ୍ରେଣୀକୁ ସାମାଜିକ ପରିବର୍ତ୍ତନ ଲଢେଇରେ ସାମିଲ କରାଇବାର ପ୍ରତିବଦ୍ଧତା ନେଇ 'ଇଣ୍ଡିଆନ ଫେଡେରେସନ ଅଫ ଟ୍ରେଡ଼ ୟୁନିଅନ'ର ପ୍ରଥମ ରାଜ୍ୟ ସମ୍ମିଳନୀ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀକୁ ସଂଗଠନର ସର୍ବଭାରତୀୟ ଉପସଭାପତି କମ୍ରେଡ ଭି. କେ ପଟେଲ ଉଦ୍‌ଘାଟନ କରି ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରମିକ ସଂଗଠନ ଉପରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିବା ବେଳେ ଘରୋଇକରଣ ଓ ଠିକା ଆଉଟସୋର୍ସିଂ ଭଳି ଶ୍ରମିକ ବିରୋଧୀ ବ୍ୟବସ୍ଥାର ଉଚ୍ଛେଦ ଦାବି କରିଥିଲେ । ବିଦେଶୀ ପୁଞ୍ଜିପତିଙ୍କ ମୁନାଫା ପାଇଁ ମୋଦି ସରକାର ଯେଉଁ ୪ଟି ଶ୍ରମକୋଡ ଆଣିଛନ୍ତି, ତାହା ଦ୍ୱାରା ଶ୍ରମିକମାନେ ନିଜର କଷ୍ଟାର୍ଜିତ ଶ୍ରମ ଅଧିକାରକୁ ହରାଇବେ ବୋଲି କହିଥିଲେ। ଆଇଏଫଟିୟୁର ଜାତୀୟ କମିଟି ତରଫରୁ ଶ୍ରମିକ ଶ୍ରେଣୀ ପାଇଁ ପ୍ରସ୍ତୁତ ଚିଠା ଡାକରା ଓ ସାଂଗଠନିକ ରିପୋର୍ଟକୁ ରାଜ୍ୟ କମିଟି ପକ୍ଷରୁ ଆବାହକ ପ୍ରତାପ ପ୍ରଧାନ ଉପସ୍ଥାପନା କରିଥିବା ବେଳେ ତାକୁ ସର୍ବସମ୍ମତି କ୍ରମେ ସମ୍ମିଳନୀରେ ଗୃହୀତ କରାଯାଇଥିଲା । ଆଗାମୀ ଅପ୍ରେଲ ୧୬ରୁ ୧୮ ପର୍ଯ୍ୟନ୍ତ ତିରୁପତି ଠାରେ ହେଉଥିବା ଜାତୀୟ ସମ୍ମିଳନୀରେ ରାଜ୍ୟରୁ ୨୦ ଜଣ ପ୍ରତିନିଧି ଯୋଗ ଦେବାକୁ ବଛା ଯାଇଥିଲା । ପ୍ରତାପ ପ୍ରଧାନ, କାରୁକା ଶବର ଓ ପ୍ରଶାନ୍ତ ପରିଛାଙ୍କୁ ନେଇ ଗଠିତ ଆବାହକ ମଣ୍ଡଳୀ ସଭା ପରିଚାଳନା କରିଥିବା ବେଳେ ଏକ ୧୪ ଜଣିଆ ନୂତନ ରାଜ୍ୟ କମିଟି ଚୟନ କରାଗଲା। ଏଆଇକେଏମଏସର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟର ସବୁ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମଜୀବୀ ଜନତାଙ୍କ ଏକ ଲଢୁଆ ସଂଗଠନ ଭାବେ ଅଗ୍ରଗତି କରୁ ବୋଲି ମତପ୍ରକାଶ କରିଥିଲେ । ଶେଷରେ ପ୍ରତାପ ପ୍ରଧାନ ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଅଗେନ୍ଦ୍ର ନାୟକ, କୋଷାଧକ୍ଷ ଭାବେ ପ୍ରଶାନ୍ତ ପରିଛା, ସମ୍ପାଦକ ଭାବେ ଉତ୍ତମ ନାୟକଙ୍କ ସମେତ ରାଜ୍ୟ କମିଟିରେ ସଦସ୍ୟ ଭାବେ ପି. କ୍ରିଷ୍ଣା, ରାଜଲକ୍ଷ୍ମୀ ସାହୁ, ନରସିଂହ ମାଳବିଷୋୟୀ, ବିନାୟକ ପତି, ଧନେଶ୍ୱର ନାୟକ, କେଦାର ଶବର, ଧର୍ମେନ୍ଦ୍ର ବେହେରା, କାରୁଗା ଶବର, ପ୍ରମୁଖଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା।




ସମ୍ମିଳନୀରେ ଅତିଥିମାନେ ଉଦ୍‌ବୋଧନ ଦେଉଛନ୍ତି।

